ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ

(ବିଚାର ଉପ ବିଭାଗ)

*(email-monitoringcell.bdk@gmail.com)*

***

ପତ୍ର ସଂ. COLBDK-JUD-MISC-0019-2023 ୧୦୪୪୦ /ବିଚାର ତା ୦୨/୦୭ /2025

## ସର୍ବସାଧାରଣ ନୋଟିସ

ଏତଦ୍ଦ୍ୱାରା ଭଦ୍ରକ ଜିଲ୍ଲାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି ଯେଉଁ କ୍ଷୁଦ୍ର ଜମାକାରୀମାନେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ଯୋଗ୍ୟ କ୍ଷୁଦ୍ର ଜମାକାରୀ ତାଲିକା ଯଥା ମାନ୍ୟବର ତଦନ୍ତ କମିଶନ ଦ୍ୱାରା ସୁପାରିଶ ଏବଂ ଗୋଲ୍ଡେନ ଲାଣ୍ଡ ଡେଭେଲପର ଗ୍ରୁପ ଅଫ କମ୍ପାନିଜ ଅନ୍ତର୍ଭୁକ୍ତ ଅଟନ୍ତି ଏବଂ ବିଭିନ୍ନ କାରଣ ବଶତଃ ଏଯାବତ କ୍ଷତିପୂରଣ ପାଇନାହାନ୍ତି , ସେମାନେ ଭଦ୍ରକ ଜିଲ୍ଲା ସରକାରୀ ୱେବସାଇଟ https:/bhadrak.odisha.gov.in/ ରେ ନିଜ ନାମକୁ ଯାଞ୍ଚ କରି ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ଓ ତହସିଲ ସହିତ ଯୋଗାଯୋଗ କରି ନିଜ ଦରଖାସ୍ତର ସ୍ଥିତି ଜାଣିବା ନିମନ୍ତେ ଅନୁରୋଧ କରାଯାଉଅଛି ।

ରାଜସ୍ୱ ନିରୀକ୍ଷକ ଙ୍କ ନିକଟକୁ ସାକ୍ଷାତ କରିଯିବା ସମୟରେ ନିମ୍ନ ଲିଖିତ ଦସ୍ତାବିଜ ଗୁଡିକ ସାଙ୍ଗରେ ଆଣିବା ବିଧେୟ ।

(୧) ଯେ କୌଣସି ପ୍ରମାଣ ପତ୍ର (ଆଧାର କାର୍ଡ/ଭୋଟର ପରିଚୟ ପତ୍ର/ଡ୍ରାଇଭିଂ ଲାଇସେନ୍ସ ଇତ୍ୟାଦି)

(୨) ଚିଟ ଫଣ୍ଡ କମ୍ପାନୀ ରେ ଟଙ୍କା ଜମା ରଖିଥିବା ର ପ୍ରମାଣ ସ୍ୱରୂପ ଅସଲି ରସିଦ (original money receipts).

(୩) ବ୍ୟାଙ୍କ ଖାତା ର ସବିଶେଷ ବିବରଣୀ (କେବଳ ତଦନ୍ତ କମିଶନ ନିମନ୍ତେ ପ୍ରଯୁଜ୍ୟ)

ମାନ୍ୟବର ତଦନ୍ତ କମିଶନଙ୍କ ଦ୍ୱାରା ସୁପାରିଶ ହୋଇ ଅଦ୍ୟାବଧି କ୍ଷତିପୂରଣ ପାଇ ନଥିବା ଯୋଗ୍ୟ କ୍ଷୁଦ୍ର ଜମାକାରୀ ମାନଙ୍କ ତାଲିକା ପରିଶିଷ୍ଟ-"କ" ମୋଟ ୩୩୨୩୬ ଜଣଙ୍କର ଏବଂ ଯେଉଁ ମାନଙ୍କ ର ଠିକଣା ମିଳିପାରୁ ନାହିଁ (not mapped) ମୋଟ ୧୧୮୮୬ ଜଣଙ୍କର ତାଲିକା ଏଥିସହିତ ପରିଶିଷ୍ଟ-"ଖ " ରେ ସଂଲଗ୍ନ କରାଗଲା ।

ଗୋଲ୍ଡେନ ଲାଣ୍ଡ ଡେଭେଲପର ଗ୍ରୁପ ଅଫ କମ୍ପାନିଜ ଅନ୍ତର୍ଭୁକ୍ତ କ୍ଷତିଗ୍ରସ୍ତ ଯୋଗ୍ୟ କ୍ଷୁଦ୍ର ଜମାକାରୀ ମାନଙ୍କ ତାଲିକା ଏଥିସହିତ ପରିଶିଷ୍ଟ-"ଗ " ମୋଟ ୩୧ ଜଣଙ୍କର ରେ ସଂଲଗ୍ନ କରାଗଲା ।

ସଂଲଗ୍ନକ:- ପରିଶିଷ୍ଟ-"କ" , "ଖ" ଓ "ଗ "

ଅତିରିକ୍ତ ଜିଲ୍ଲାପାଳ, ଭଦ୍ରକ -ତଥା-

ନୋଡ଼ାଲ ଅଧିକାରୀ, ଓ.ପି.ଆଇ.ଡି

(ଅ.ପୃ.ଦେ)

ଜ୍ଞାପକ ସଂଖ୍ୟା ୧୦୪୫୧ / ବିଚାର ତା ୦୨/୧୨ /୨୦୨୫ ରିଖ

ଏହାର ଏକକିତା ନକଲ ଅତିରିକ୍ତ ଶାସନ ସଚିବ, ଅର୍ଥ ବିଭାଗ, ଓଡ଼ିଶା ସରକାରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ଭଦ୍ରକ - ତଥା -
ନୋଡ଼ାଲ ଅଧିକାରୀ, ଓ.ପି.ଆଇ.ଡି

ଜ୍ଞାପକ ସଂଖ୍ୟା ୧୦୪୫୨ / ବିଚାର ତା ୦୨ / ୧୨ /୨୦୨୫ ରିଖ

ଏହାର ଏକକିତା ନକଲ ଜିଲ୍ଲାର ଉପ-ଜିଲ୍ଲାପାଳ/ ସମସ୍ତ ତହସିଲଦାର ମାନଙ୍କ ଙ୍କ ଅବଗତି ଏବଂ ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ଭଦ୍ରକ -ତଥା-
ନୋଡ଼ାଲ ଅଧିକାରୀ, ଓ.ପି.ଆଇ.ଡି

ଜ୍ଞାପକ ସଂଖ୍ୟା ୧୦୪୫୩ / ବିଚାର ତା ୦୨/୧୨ /୨୦୨୫ ରିଖ

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ଭଦ୍ରକ ଙ୍କ ଅବଗତି ଏବଂ ଉକ୍ତ ସର୍ବସାଧାରଣ ନୋଟିସ କୁ ଭଦ୍ରକ ଜିଲ୍ଲା ସରକାରୀ ୱେବସାଇଟ https://bhadrak.odisha.gov.in ରେ ଭଦ୍ରକ ଜିଲ୍ଲାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ "ୱେବସାଇଟ୍ ହୋଷ୍ଟିଙ୍ଗ" କରିବାକୁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ଇ-ଗଭରନାନ୍ସ ପରିଚାଳକ, ଭଦ୍ରକ ଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ଭଦ୍ରକ -ତଥା-
ନୋଡ଼ାଲ ଅଧିକାରୀ, ଓ.ପି.ଆଇ.ଡି

ଜ୍ଞାପକ ସଂଖ୍ୟା ୧୦୪୫୪ / ବିଚାର ତା ୦୨/୧୨ /୨୦୨୫ ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ ଙ୍କୁ ଜିଲ୍ଲାପାଳ,ଭଦ୍ରକ ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, ଭଦ୍ରକ -ତଥା-
ନୋଡ଼ାଲ ଅଧିକାରୀ, ଓ.ପି.ଆଇ.ଡି